# Akashvani, Sambalpur

## SAMBALPURI NEWS BULLETIN

### 23 April 2024- 6.47- 6.52 am.

*********************************************

ପଦ୍ମପୁରସ୍କାର୍- ରାଷ୍ଟ୍ରପତି ଆର୍‌ଏନ୍‌ୟୁ/ସମ୍ବଲପୁର

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଲାକାଏଲ୍ ନୂଆଦିଲ୍ଲୀର୍ ରାଷ୍ଟ୍ରପତି ଭବନ୍ ନ ଭିନ୍ ଭିନ୍ କ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଥିବା ବ୍ୟକ୍ତିବିଶେଷଙ୍କୁ ପଦ୍ମସମ୍ମାନ୍‌ଥି ସମ୍ମାନିତ୍ କରିଛନ୍ । ଇ ଅବ୍‌ସରେ ହେଇଥିବା ପଦ୍ମସମ୍ମାନ୍ ସମାରୋହଥି କଳାକ୍ଷେତ୍ରଥି ଉଲ୍ଲେଖନୀୟ ଅବଦାନ୍ ଥିବା ଓଡ଼ିଶାର୍ ୨ ଝନ୍‌କୁ ପଦ୍ମଶ୍ରୀ ସମ୍ମାନ୍‌ଥି ସମ୍ମାନିତ୍ କରାଯାଇଛେ । ସମ୍ବଲ୍‌ପୁର୍‌ର ବିଶିଷ୍ଟ କବି ଆଉ ଲେଖକ ବିନୋଦ୍ କୁମାର୍ ପଶାୟତ ଆଉ କୃଷ୍ଣ ଲୀଳାର ସଂଗୀତ ଗାୟକ ଗଞ୍ଜାମ୍‌ର ଗୁରୁ ଗୋପୀନାଥ ସ୍ୱାଇଁଙ୍କୁ ରାଷ୍ଟ୍ରପତି ପଦ୍ମଶ୍ରୀ ସମ୍ମାନ୍ ଦେଇଛନ୍ ।

ମୁଖ୍ୟ ନିର୍ବାଚନ୍ ଆୟୁକ୍ତ- ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ରାଜୀବ୍ କୁମାର୍ଙ୍କର୍ ଅଧ୍ୟକ୍ଷତାଥି ଭାରତୀୟ ପାଣିପାଗ୍ ବିଭାଗ୍- ଆଇଏମ୍ଡି, ଜାତୀୟ ବିପର୍ଯ୍ୟୟ ପରିଚାଲନା ପ୍ରାଧିକରଣ୍  ଆର୍ ସ୍ୱାସ୍ଥ୍ୟ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟର୍ ଅତିରିକ୍ତ ସଚିବଙ୍କର୍ ଭିତ୍ରେ ଗୁଟେ ବୈଠକ୍ ହେଇଯାଇଛେ । ଇଥି ଆଏବା ୨୬ ତାରିଖ୍ ଦିନ ହେବାର୍କେ ଥିବା ସାଧାରଣ ନିର୍ବାଚନ୍ର ୨ ନମ୍ବର୍ ଖେପ୍ଥି ଗ୍ରୀଷ୍ମପ୍ରବାହକେ ନେଇକରି ଖାସ୍ ଚିନ୍ତା ନାଇଁନ ବଲି ଭାରତୀୟ ପାଣିପାଗ୍ ବିଭାଗ୍ର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର ସୂଚ୍ନା ଦେଇଛନ୍ । ନିର୍ବାଚନ୍ ଆୟୋଗ୍, ପାଣିପାଗ୍ ବିଭାଗ୍, ଜାତୀୟ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ୍ ଆଉ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟର ଅଧିକାରୀମାନ୍କୁ ନେଇକରି ଗଠନ୍ କରାଯାଇଥିବା ଗୁଟେ ଟାସ୍କଫୋର୍ସ ଫି' ମତଦାନ୍ ପର୍ଯ୍ୟାୟର୍ ୫ ଦିନ୍ ଆଘୋନୁ ଗ୍ରୀଷ୍ମପ୍ରବାହ ଆର୍ ଆଦ୍ରତା ପ୍ରବାହର ସମୀକ୍ଷା କର୍ବା । ନିର୍ବାଚନ୍ କାମ୍କେ ପ୍ରଭାବିତ୍ କରୁଥିବା ଗ୍ରୀଷ୍ମପ୍ରବାହ ପରିସ୍ଥିତିଥି ସାହାଜ୍ ଲାଗି ପ୍ରସ୍ତୁତ ରହେବାର୍ ଲାଗି ରାଜ୍ୟମାନ୍କର୍ ସ୍ୱାସ୍ଥ୍ୟ କର୍ତୃପକ୍ଷଙ୍କୁ ଦର୍କାରୀ ନିର୍ଦ୍ଦେଶ୍ ଦେବାର୍କେ ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରଣାଲୟକେ ନିର୍ଦ୍ଦେଶ୍ ଦିଆଯାଇଛେ । ଗଲା ମାର୍ଚ୍ଚ ୧୬ ତାରିଖ୍ର ମାର୍ଗଦର୍ଶିକା ଅନ୍ସାରେ ମତଦାନ୍ କେନ୍ଦ୍ରମାନ୍କେ ପର୍ଯ୍ୟାପ୍ତ ବ୍ୟବସ୍ଥା

କର୍‌ବାର୍‌କେ ଆୟୋଗ୍ ରାଜ୍ୟର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀ-ସିଇଓ ମାନ୍‌କର୍ ସାଙ୍ଗେ ସମୀକ୍ଷା କର୍‌ବେ ବଲି ବୈଠକ୍‌ଥି ନିଷ୍ପତି ନିଆଯାଇଛେ ।

ମୁଖ୍ୟ ନିର୍ବାଚନ୍ ଅଧିକାରୀ-ବୈଠକ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ଗଲାକାଏଲ୍ ଭୁବ୍‌ନେଶ୍ୱର୍‌ର ଗୋପବନ୍ଧୁ ପ୍ରଶାସନିକ୍ ଏକାଡେମୀ ଠାନେ ୬ ଟା ଜିଲ୍ଲାର୍ ନିର୍ବାଚନ୍ ପ୍ରସ୍ତୁତି ବାବ୍‌ଦେ ସମୀକ୍ଷା କରିଛନ୍ । ଇ ସମୀକ୍ଷା ବୈଠକ୍‌ଥି ଖୋର୍ଦ୍ଧା, ପୁରୀ, ନୟାଗଡ଼୍, କଟକ୍, ଜଗତ୍‌ସିଂହପୁର୍ ଆର୍ କେନ୍ଦ୍ରାପଡ଼ା ଜିଲ୍ଲାର ଜିଲ୍ଲାପାଲ୍ ଆଉ ଜିଲ୍ଲା ନିର୍ବାଚନ୍ ଅଧିକାରୀମାନେ ପିପିଟି ପ୍ରେଜେଂଟେସନ୍ ଜରିଏ ସେମାନ୍‌କର୍ ଜିଲ୍ଲାର୍ ପ୍ରସ୍ତୁତି ବାବ୍‌ଦେ ସବିଶେଷ୍ ତଥ୍ୟ ଉପସ୍ଥାପନ୍ କରିଥିଲେ । ବୁଥ୍ ସ୍ତର୍ ନ ନିର୍ଭୁଲ୍ ନିର୍ବାଚନ୍ ପରିଚାଳନା କର୍‌ବାର୍ ଲାଗି ଉପସ୍ଥିତ୍ ଥିବା ଜିଲ୍ଲା ନିର୍ବାଚନ୍ ଅଧିକାରୀ, ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲାପାଲ୍, ଉପ ଜିଲ୍ଲାପାଲ୍ ଆଉ ରିଟର୍ଣ୍ଣିଂ ଅଧିକାରୀମାନ୍‌କୁ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିର୍ଦ୍ଦେଶ୍ ଦେଇଥିଲେ । ବୈଠକ୍‌ଥି ଆଇନ୍‌ଶୃଙ୍ଖଳା

ରକ୍ଷା ବାବ୍‌ଦେ ବିଶେଷ୍ ଆଲୋଚନା ହେଇଥିଲା । ଫି' ବୁଥ୍ ଯେନ୍ତା ସୁରକ୍ଷା ବଳୟ ଭିତ୍‌ରେ ରହେବା ଆଉ ଇଭିଏମ୍, ଭିଭିପାଟ୍ ମତ ଗଣନାତକ୍ ପୁରା ସୁରକ୍ଷା ଥି ରଖ୍‌ବାର୍ ଉପ୍‌ରେ ଆଲୋଚନା କରାଯାଇଥିଲା । ନିର୍ବାଚନ୍‌ଥି ଆଦର୍ଶ ଆଚରଣ ବିଧିର ଅନୁପାଳନ୍ ଲାଗି ଜିଲ୍ଲା ପ୍ରଶାସନ୍, ପୁଲିସ୍ ପ୍ରଶାସନ୍, ଭିନ୍ ଭିନ୍ ପ୍ରବର୍ତନ୍ ବିଭାଗ୍ ମିଶିକରି କାମ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଥିଲା । ଗ୍ରୀଷ୍ମପ୍ରବାହକେ ନଜର୍‌ଥି ରଖିକରି ବିନା କେନ୍‌ସି ଧନଜୀବନ୍ ହାନୀଥି ଅଏତ୍‌କା ମତଦାନ୍ ହାରକେ ବଜାୟ ରଖ୍‌ବାର୍ ଲାଗି ଶ୍ରୀ ଧଳ ପରାମର୍ଶ ଦେଇଥିଲେ ।

ସୁବର୍ଣ୍ଣପୁର୍-ଭୋଟର୍ ସଚେତନତା ରେଲି

ଆର୍‌ଏନ୍‌ୟୁ / ସମ୍ବଲପୁର

ସୁବର୍ଣ୍ଣପୁର୍ ଜିଲ୍ଲା ନ ସାଧାରଣ ନିର୍ବାଚନ୍‌ଥି ଭୋଟ୍ ହାର ବଢ଼ାବାର୍‌କେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଭୋଟର୍ ସଚେତନତା ରେଲି ହେଇଯାଇଛେ । ଜିଲ୍ଲାର୍ ବୀର୍‌ମହାରାଜ୍‌ପୁର୍ ଆଉ ସୋନ୍‌ପୁର୍ ବିଧାନ୍‌ସଭା କ୍ଷେତ୍ର ଲାଗି ଅଲ୍‌ଗା ଅଲ୍‌ଗା ୨ ଟା ସ୍ୱତନ୍ତ୍ର ରେଲି ଆୟୋଜନ୍ କରାଯାଇକରି ମତଦାନ୍‌ଥି ଅଏତ୍‌କାନୁ ଅଏତ୍‌କା ଭୋଟର୍ ସାମିଲ୍ ହେବାର୍‌କେ ଆହ୍ୱାନ୍

ଦିଆଯାଇଥିଲା । ଖାସ୍ କରି ଅବାଧ , ନିରପେକ୍ଷ ନିର୍ବାଚନ୍ ପରିଚାଳନା ଲାଗି ଭୋଟ୍ ଗ୍ରହଣ୍ କେନ୍ଦ୍ରକେ ଯାଇକରି ଭୋଟ୍ ଦେବାର୍କେ ଭୋଟର୍ ମାନ୍କୁ ନିବେଦନ୍ କରାଯାଇଥିଲା ।

ସିଡ଼ିଏସ୍ ପରୀକ୍ଷାଫଳ ଆର୍ଏନ୍ୟୁ / ସମ୍ବଲପୁର

ସଂଘୀୟ ଲୋକସେବା ଆୟୋଗ- ୟୁପିଏସ୍ସି ତର୍ଫୁ ହେଇଥିବା କମ୍ବାଇନ୍ଡ୍ ଡିଫେନ୍ସ ସର୍ଭିସେସ୍- ସିଡ଼ିଏସ୍ ପରୀକ୍ଷାର ପରୀକ୍ଷାଫଲ୍ ବାହାରିଛେ । ଗଲା ସେପ୍ଟେମ୍ବର୍ ମାସେ ହେଇଥିବା ପରୀକ୍ଷାଥି ଶହେ ୯୭ ଝନ୍ କୃତକାର୍ଯ୍ୟ ହେଇଛନ୍ । ପରୀକ୍ଷା ଫଲ୍ର ସବିଶେଷ୍ ବିବରଣୀ ୟୁପିଏସ୍ସିର ୱେବ୍ସାଇଟ୍ http://www.upsc.gov.in ଥି ମିଲିପାର୍ବା ।

ଇଏସ୍ଆଇ ଆର୍ଏନ୍ୟୁ / ସମ୍ବଲପୁର

ରାଜ୍ୟ ଶ୍ରମ ଆଉ ଇଏସ୍ଆଇ ବିଭାଗ୍ ତର୍ଫୁ ରାଏଜେ କାମ୍ କରୁଥିବା କର୍ମଚାରୀ ରାଜ୍ୟ ବୀମା ଡାକ୍ତର୍ଖାନାମାନ୍କର୍ ନର୍ସିଂ ଅଧିକାରୀ ଆର୍ ସହାୟକ ନର୍ସିଂ ମିଡ୍ୱାଇଫ୍ ମାନ୍କର୍ ୨ ଦିନିଆ ତାଲିମ୍ କର୍ମଶାଳା ଭୁବନେଶ୍ୱର୍ ନ ମୁଲ୍ ହେଇଛେ । ଇଟାକେ

ଶ୍ରମ ବିଭାଗ୍ କମିଶନର୍ ଆର୍ ଶାସନ୍ ସଚିବ ଆର୍.ଏସ୍. ଗୋପାଲନ୍ ଉଦ୍‌ଘାଟନ୍ କରିଥିଲେ । କର୍ମଶାଳାଥି ମୋଟ୍ ୩୦ ଝନ୍ ନର୍ସିଂ ଅଧିକାରୀ ଆଉ ସହାୟକ ନର୍ସିଂ ମିଡ଼ୱାଇଫ୍ ଯୋଗ୍ ଦେଇଛନ୍ ।

ବିଶ୍ୱ ପୁସ୍ତକ ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଆଏଜ୍ ବିଶ୍ୱ ପୁସ୍ତକ ଦିବସ୍ । ବହିପଢ଼ାକେ ତହଁକାବାର୍ ଲାଗି ଫି ବଛର୍ ଏପ୍ରିଲ୍ ୨୩ ତାରିଖ୍ ଦିନ ଇ ଦିବସ୍ ପାଲନ୍ କରାଯାଏସି । ବହି ବାଂଟ୍‌ବାର୍ ଆଉ ପଢ୍‌ବାର୍‌ଟା ଇ ଦିନ ଜୋର୍ ଦିଆଯାଏସି । ବହି ଲେଖ୍‌ବାର୍, ପଢ୍‌ବାର୍, ଅନୁବାଦ୍, ପ୍ରକାଶନ୍ ଆର୍ କପିରାଇଟ୍‌ର ସୁଫଲ୍‌କେ ସାରା ପୁର୍‌ଥି ନ ତହଁକାବାର୍ ଇ ଦିବସ୍‌ର ଲକ୍ଷ୍ୟ ଆଏ । ୟୁନେସ୍କୋ ତର୍‌ଫୁ ୧୯୯୫ ମସିହା ଏପ୍ରିଲ୍ ୨୩ ତାରିଖ୍ ଦିନ ଇ ଦିବସ୍ ପହେଲା ପାଲନ୍ କରାଯାଇଥିଲା । ପ୍ରସିଦ୍ଧ ସାହିତ୍ୟିକ ୱିଲିୟମ୍ ସେକ୍ସପିୟର୍, ନିଗୁଏଲ୍ ସର୍ଭାଂଟେସ୍ ଆର୍ ଇନ୍‌କା ଗ୍ରାନ୍‌ସିଲାସୋ ଡିଲାଭେଗା ଆଝିର୍ ଦିନେ ମୃତ୍ୟୁ ବରଣ୍ କରିଥିଲେ । ସେମାନ୍‌କର୍ ସମ୍ମାନ୍‌ଥି ଇ ଦିନ୍‌କେ ବିଶ୍ୱ ପୁସ୍ତକ୍ ଆଉ କପିରାଇଟ୍ ଦିବସ୍ ଭାବେ ପାଳନ୍

କରାଯାଉଛେ । ବିଶ୍ୱ ପୁସ୍ତକ ଦିବସ୍‌ର ଇ ବଛ୍‌ରର୍ ବାର୍ତା ହେଉଛେ 'ତୁମ ମାର୍ଗରେ ପଠନ କର' ।

ଚୈତ୍ ପୁନି ବର୍‌ଗଡ୍ ସମ୍ବାଦଦାତା

ବର୍‌ଗଡ୍ ଜିଲ୍ଲା ଗ୍ରାମ୍‌ଦେବୀ ମାଁ ସମଲେଇଙ୍କର୍ ପୀଠ ନ ଆଏଜ୍ ଚୈତ୍ ପୁନି ଅବ୍‌ସରେ ଦେବୀଙ୍କର୍ ଜଳାଭିଷେକ୍ ହେଉଛେ । ଇଥିର୍‌ଲାଗି ମନ୍ଦିର୍ ନ ଆଏଜ୍ ଭୋର୍ ୪ ବଜୁ ଶ୍ରଦ୍ଧାଳୁମାନ୍‌କର୍ ଭିଡ୍ ଲାଗିଛେ । ଚଣ୍ଡି ହୋମ ଆଉ ଅନ୍ନଭୋଗ୍ ଉତାରୁ ବାସନ୍ତିକ ନବଦିନାତ୍ମକ ପୂଜା ସର୍‌ବା ।